بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୯ ମଇ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ - ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ନବୀଶିରୋମଣୀ ହଜରତ ମୁହମ୍ମଦ[ସ.ଅ]ଙ୍କ ସଚୋଟ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କର ନମ୍ରତା ଓ ସରଳତା ଅବଲମ୍ବନ କରିବାର ଘଟଣାବଳୀ ଏବଂ ନିଜ ଜମାଅତକୁ ଏହି ମହତ ଗୁଣ ଆପଣାଇବାକୁ ଉପଦେଶର ବର୍ଣ୍ଣନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର[ଅ.ବ] କହିଲେ; ଆଜି ମୁଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ସଚୋଟ ଦାସ ହଜରତ ମସିହ ମଉଦ[ଅ.ସ]ଙ୍କ ନମ୍ରତା ଓ ସହନଶୀଳତାର ଘଟଣାମାନ ଏବଂ ନିଜ ଜମାଅତକୁ ଏହି ବିଶେଷ ଗୁଣ ଆପଣାଇବାକୁ ଯେଉଁ ଉପଦେଶ ଦେଇଛନ୍ତି, ସେଥି ସମ୍ବନ୍ଧରେ କିଛି ଆଲୋଚନା କରିବି । ହୁଜୁର[ଅ.ସ]ଙ୍କର ନମ୍ରତା ଆଚରଣକୁ ଦେଖି ସ୍ୱୟଂ ପରାକ୍ରମୀ ଅଲ୍ଲାଃ ଏହାର ପ୍ରମାଣପତ୍ର ପ୍ରଦାନ କଲେ । ହୁଜୁର[ଅ.ସ]ଙ୍କୁ ୧୯୦୭ମସିହା ମାର୍ଚ୍ଚ ମାସ ୧୮ତାରିଖରେ ଏହି ଦୈବିବାଣୀ ହେଲା, ଯେ **ତୁମର ନମ୍ରତାପୂର୍ଣ୍ଣ ଆଚରଣ ତାଙ୍କୁ (ଅର୍ଥାତ୍ ଅଲ୍ଲାଃଙ୍କୁ) ପସନ୍ଦ ଆସିଲା** ।

ଯୁଗାବତାର ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଏହି ବିନୀତ ଉପରେ ପ୍ରକଟ କରାଯାଇଛି, ଯେ ଏହି ବିନୀତ ନିଜର ଦରିଦ୍ରତା, ନମ୍ରତା, ଈଶ୍ୱରଙ୍କ ଉପରେ ଭରସା, ତ୍ୟାଗ ଓ ଚିହ୍ନ ତଥା ଆଲୋକ ଦୃଷ୍ଟିରୁ ଯୀଶୁ ମସିହଙ୍କ ପ୍ରାରମ୍ଭିକ ଜୀବନର ଏକ ପ୍ରତିରୂପ ଅର୍ଥାତ୍ ନମୁନା । ଏହି ବିନୀତର ସ୍ୱଭାବ ଓ ମସିହଙ୍କ ସ୍ୱଭାବ ମଧ୍ୟରେ ବହୁଳ ସାଦୃଶ୍ୟତା ରହିଛି । ମନେହୁଏ ଯେପରି ଗୋଟିଏ ରତ୍ନର ଦୁଇଟି ଖଣ୍ଡ କିମ୍ବା ଗୋଟିଏ ଗଛର ଦୁଇଟି ଫଳ । ଏହି ଏକତା ଏପରି ଯେ ଆଧ୍ୟାତ୍ମିକ ଦୃଷ୍ଟିରେ ଏମାନଙ୍କ ମଧ୍ୟରେ ଫରକ ଦେଖିବା ଅତ୍ୟନ୍ତ ସୂକ୍ଷ୍ମ ଓ ବାହ୍ୟ ରୂପରେ ମଧ୍ୟ ଏକ ସମାନତା ରହିଛି । ତାହା ଏହିପରି ଯେ ମସିହ ଜଣେ ମହିମାମୟ ନବୀ ଅର୍ଥାତ୍ ସେ ହଜରତ ମୁସାଙ୍କ ଅନୁଗାମୀ (ନବୀ) ଓ ଧର୍ମର ସେବକ ଥିଲେ ଏବଂ ତାଙ୍କର **ଇନ୍‌ଜିଲ୍**ର ଏକ ଶାଖା ଥିଲା । ଏହି ବିନୀତ ବି ଜଣେ ଅତି ନଗଣ୍ୟ ସେବକ ମାତ୍ର, ଯିଏ ସମସ୍ତ ରସୁଲମାନଙ୍କର ଶ୍ରେଷ୍ଠ ତଥା ସମସ୍ତ ନବୀମାନଙ୍କର ମୁକୁଟ ଅର୍ଥାତ୍ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ।

ଏକଦା ଜଣେ ବ୍ୟକ୍ତି ହୁଜୁର[ଅ.ସ]ଙ୍କ ସେବାରେ ନିବେଦନ କଲେ, ହୁଜୁର 'ହକିକତୁଲ୍ ୱହି' ପୁସ୍ତକ ଲେଖିବାରେ ଓ ବାରମ୍ବାର ଏହାର ତ୍ରୁଟି ସଂଶୋଧନ କରିବାରେ ଅନେକ କଷ୍ଟ (ସହ୍ୟ) କରିଛନ୍ତି । ଯଦ୍ୱାରା ହୁଜୁର[ଅ.ସ]ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ମଧ୍ୟ ଖରାପ ହୋଇଯାଇଛି । ତେଣୁ ଏବେ କିଛିଦିନ ହୁଜୁର ସମ୍ପୂର୍ଣ୍ଣ ରୂପେ ବିଶ୍ରାମ ନିଅନ୍ତୁ । ହୁଜୁର[ଅ.ସ] ଉତ୍ତର ଦେଲେ ଆମର ପରିଶ୍ରମ ବା କ'ଣ ? ଆମକୁ ତ ଲଜ୍ଜା ଲାଗେ ଯେତେବେଳେ ଆମେ ସାହାବାଙ୍କ ପରିଶ୍ରମ ଓ ତ୍ୟାଗ ଆଡ଼କୁ ଚାହୁଁ, ଯେଉଁମାନେ କିପରି ଆନନ୍ଦର ସହ ଈଶ୍ୱରଙ୍କ ମାର୍ଗରେ ନିଜର ଶିର କଟାଇ ଦେଲେ । ଅନ୍ୟ ଏକ ସ୍ଥାନରେ ହୁଜୁର[ଅ.ସ] କହିଛନ୍ତି, ସ୍ୱଳ୍ପବୁଦ୍ଧି ସମ୍ପନ୍ନ ଲୋକମାନେ ଅଭିଯୋଗ କରନ୍ତି, ମୁଁ ନିଜ ମର୍ଯ୍ୟାଦାକୁ ସୀମା ବାହାରକୁ ବଢ଼ାଉଛି । ମୁଁ ଈଶ୍ୱରଙ୍କ ଶପଥ କରି କହୁଛି, ଯେ ମୋର ପ୍ରକୃତି ଓ ଚରିତ୍ରରେ ଏପରି କୌଣସି କଥା ନାହିଁ, ଯେ ମୁଁ ନିଜର ପ୍ରଶଂସା ଚାହିଁବି କିମ୍ବା ନିଜ ବଦାନ୍ୟତା ପ୍ରଦର୍ଶନ କରି ଆନନ୍ଦିତ

ହେବି । ମୁଁ ସର୍ବଦା ନମ୍ରତା ଓ ଲୁକ୍କାୟିତ ଜୀବନ ଅତିବାହିତ କରିବାକୁ ପସନ୍ଦ କରୁଥିଲି । ମାତ୍ର ଏହା ମୋର ନିୟନ୍ତ୍ରଣ ଓ ଶକ୍ତି ବାହାରେ ଥିଲା, ଯେ ଈଶ୍ୱର ନିଜେ ମୋତେ ସାମ୍ନାକୁ ଆଣିଲେ । ସେ ମୋ ସମ୍ବନ୍ଧରେ ଯେଉଁ ପ୍ରଶଂସା ଓ ଗୌରବ ନିଜ ବାଣୀରେ ଅବତୀର୍ଣ୍ଣ କରିଛନ୍ତି, ସେ ସମସ୍ତ ପ୍ରଶଂସା ଓ ମହାନତା ବାସ୍ତବରେ ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ]ଙ୍କର ହିଁ ଅଟେ ।

ଜଣେ ଅଷ୍ଟ୍ରେଲୀୟ ନବଦୀକ୍ଷିତ ମୁସଲମାନ ଶ୍ରୀମାନ ଅବ୍ଦୁଲ୍ ହକ୍ ସାହେବଙ୍କୁ ହୁଜୁର[ଅ.ସ] କହିଲେ; ଆମ ନୀତିବାଣୀ ମଧ୍ୟରୁ ଏହା ଏକ ମୁଖ୍ୟ ନୀତି ଯେ ଆମେ ସରଳ ଜୀବନ ଯାପନ କରୁ । ଆଜିକାଲି ୟୁରୋପ ଯେଉଁ ସମସ୍ତ ଆଡ଼ମ୍ବର ପୂର୍ଣ୍ଣ ଜୀବନକୁ ଅପରିହାର୍ଯ୍ୟ କରିନେଇଛି, ସେହି ସବୁ ଜାକଜକମରୁ ଆମର ସଭା ସମ୍ପୂର୍ଣ୍ଣ ରୂପେ ମୁକ୍ତ । ଆମେ କୌଣସି ପ୍ରଥା ପରମ୍ପରା କିମ୍ବା ଅଭ୍ୟାସର ଦାସ ନୁହଁ.. ଖାଇବା-ପିଇବା ଓ ଚାଲିବା-ବୁଲିବାରେ ଆମେ ସରଳ ଜୀବନକୁ ହିଁ ପସନ୍ଦ କରୁ । ଅନ୍ୟ ଏକ ସ୍ଥାନରେ ହୁଜୁର[ଅ.ସ] କହିଛନ୍ତି; ନମ୍ରତା ଅବଲମ୍ବନ କରିବା ଉଚିତ୍ । ନମ୍ରତା ଶିଖିବା କଷ୍ଟସାଧ୍ୟ ନୁହେଁ, ଏଥିରେ ଶିଖିବାର ବା କ'ଣ ଅଛି ? ମଣିଷ ତ ନିଜେ ହିଁ ଅତ୍ୟନ୍ତ ଅସହାୟ ଓ ସେ ନମ୍ରତା ପାଇଁ ହିଁ ସୃଷ୍ଟି ହୋଇଛି । ହୁଜୁର[ଅ.ସ] ଆହୁରି କହିଲେ, ଧନ୍ୟ ସେହିମାନେ ଯେଉଁମାନେ ନିଜକୁ ସବୁଠାରୁ ନୀଚ ଓ ଛୋଟ ମନେ କରନ୍ତି । ଲଜ୍ଜା ଓ ସମ୍ମାନର ସହିତ କଥା ହୁଅନ୍ତି... ଏବଂ ଭୂ-ପୃଷ୍ଠରେ ନମ୍ରତାର ସହ ଚାଲନ୍ତି । ତେଣୁ ମୁଁ ବାରମ୍ବାର କହୁଛି, ଯେ ଏହିପରି ଲୋକମାନଙ୍କ ପାଇଁ ହିଁ ମୁକ୍ତି ଅର୍ଥାତ୍ ବୈକୁଣ୍ଠ ପ୍ରସ୍ତୁତ କରାଯାଇଛି ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; କେତେକ ଲୋକଙ୍କର **ଜଲ୍ସା** (ଧାର୍ମିକ ସଭା) ଦିନଗୁଡ଼ିକରେ ଆଗରେ ଥିବା ଚେୟାରରେ ବସିବାକୁ କିମ୍ବା ଗ୍ରୀନ୍ ଅର୍ଥାତ୍ ସଂରକ୍ଷିତ ସ୍ଥାନରେ ବସିବାକୁ ଇଚ୍ଛା ରହିଥାଏ । ଉପସ୍ଥିତ ଖଲିଫାଙ୍କ ବଚନ ନିକଟରୁ ଶୁଣିବା ପାଇଁ ଏହି ଅଭିଳାଷ ରଖିବା ଠିକ୍, ମାତ୍ର କେତେକ ସମୟରେ ଏଥିରେ ଅହଂକାର ଭାବ ମଧ୍ୟ ସାମିଲ ହୋଇଯାଏ । ଯାହା ହେବା ଅନୁଚିତ ନୁହେଁ, କାରଣ ଏତଦ୍ ଦ୍ୱାରା ପ୍ରବନ୍ଧକ ଓ ସ୍ୱେଚ୍ଛାସେବୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଥାଏ । ହୁଜୁର[ଅ.ସ] କହିଲେ; ମଣିଷ ଯେତେବେଳେ କେଉଁଆଡ଼େ ଯାଏ ସେତେବେଳେ ସବୁଠାରୁ ତଳସ୍ଥାନଟିକୁ ନିଜ ପାଇଁ ବାଛିବା ଉଚିତ୍ । ଯଦି ସେ କୌଣସି ଉଚ୍ଚ ସ୍ଥାନର ଯୋଗ୍ୟ ହୋଇଥିବେ ତେବେ ଆୟୋଜକ ନିଜେ ସାଦରେ ତାଙ୍କୁ ଡ଼ାକି ସେହି ସ୍ଥାନ ପ୍ରଦାନ କରିବେ । ଦେଖ କୌଣସି ବ୍ୟକ୍ତି ଈଶ୍ୱରଙ୍କ ପ୍ରେମ ଓ ତାଙ୍କର ସନ୍ତୁଷ୍ଟି ହାସଲ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ତା' ମଧ୍ୟରେ ଦୁଇଟି ଗୁଣ ସୃଷ୍ଟି ନହୋଇଛି । **ପ୍ରଥମତଃ** ନିଜର ଗର୍ବକୁ ଭାଙ୍ଗିବା.. ଏବଂ **ଦ୍ୱିତୀୟତଃ** ତାହାକୁ ନିଜର ସେହି ସମସ୍ତ ପୂର୍ବ ସମ୍ପର୍କକୁ ଛିନ୍ନ କରିଦେବା, ଯାହା କଳୁଷିତତା ତଥା ଅଲ୍ଲାଃଙ୍କ ଅସନ୍ତୋଷର କାରଣ ଥିଲା । ହୁଜୁର[ଅ.ସ] କହିଲେ; ଯେଉଁ ବ୍ୟକ୍ତି **ବୈଅତ୍** କରିବା ସହିତ ନିଜ ମଧ୍ୟରେ ସ୍ୱାର୍ଥପରତା ବା ଅହଂକାର ରଖେ । ସେ କଦାପି ଆଧ୍ୟାତ୍ମିକ ଲାଭ ପାଇପାରିବ ନାହିଁ । ତୁମେ ଯେତିକି କୋମଳତା, ନମ୍ରତା ଓ ଭଦ୍ରତା ପ୍ରଦର୍ଶନ କରିବ, ଅଲ୍ଲାଃତାଲା ତୁମ ପ୍ରତି ସେତିକି ପ୍ରସନ୍ନ ହେବେ । ମଣିଷ ଯିଏ କି ଏକ ଅସହାୟ ସୃଷ୍ଟି, ନିଜର ମନ୍ଦକର୍ମର ପ୍ରଭାବ ଯୋଗୁଁ ନିଜକୁ ବଡ ମନେ କରିବାକୁ ଲାଗେ । ଏହା କେବଳ କର୍ମର ଦୋଷ ଯାହା ଦ୍ୱାରା ଅହଂକାର ଭାବ ସୃଷ୍ଟି ହୁଏ । ଗର୍ବ ଓ ଅହଂଭାବ ତା ମଧ୍ୟକୁ ଚାଲିଆସେ । ଈଶ୍ୱରଙ୍କ ମାର୍ଗରେ ଯେପର୍ଯ୍ୟନ୍ତ ମନୁଷ୍ୟ ନିଜକୁ ସବୁଠାରୁ ଛୋଟ ବୋଲି ମନେ ନକରିଛି, ସେପର୍ଯ୍ୟନ୍ତ ସେ ମୁକ୍ତି ପାଇପାରିବ ନାହିଁ । ପୁନଶ୍ଚ ନମ୍ରତା ଅବଲମ୍ବନ କରିବାକୁ ଉପଦେଶ ଦେଇ ଏକଦା ହଜରତ ମସିହ ମଉଦ[ଅ.ସ] କହିଲେ; ଏବେ ମଧ୍ୟ ଆମ ଜମାଅତରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନେ ନିଜ ଇଚ୍ଛା ବିରୁଦ୍ଧରେ ସାମାନ୍ୟ କଥାଟିଏ ଶୁଣିଲେ ସେହିକ୍ଷଣି କ୍ରୋଧିତ ହୋଇଯାନ୍ତି । **ଅଥଚ ପ୍ରକୃତରେ ଏହି ସମସ୍ତ କ୍ରୋଧ ଓ ଉତ୍ତେଜନାକୁ ଶାନ୍ତ କରିବା ଅତ୍ୟନ୍ତ ଆବଶ୍ୟକ** । ଯଦ୍ଦ୍ୱାରା ଚରିତ୍ରରେ କୋମଳତା ଓ ସହନଶୀଳତା ଉତ୍ପନ୍ନ ହେବା ଦେଖାଯାଏ, ଯେ ଏକ ସାଧାରଣ କଥାକୁ କେନ୍ଦ୍ର କରି ଯେତେବେଳେ ତର୍କ ଆରମ୍ଭ ହୁଏ ସେତେବେଳେ

ପ୍ରତ୍ୟେକ ବ୍ୟକ୍ତି ଅନ୍ୟକୁ ପରାଜିତ କରିବା ଚିନ୍ତାରେ ଥାଏ, ଯେ କିପରି ମୁଁ ବିଜୟୀ ହେବି । ଏପରି ସମୟରେ ମୁଁ ନିଜର ଅହଂକାର ଜନିତ କ୍ରୋଧରୁ ବଞ୍ଚିବା ଉଚିତ୍ । ବିବାଦର ସମାଧାନ ପାଇଁ ଛୋଟ ଛୋଟ କଥାରେ ଜାଣି ଶୁଣି ନିଜର ଅପମାନ ଓ ତିରସ୍କାର ସ୍ୱୀକାର (ଅର୍ଥାତ୍ ବରଣ) କରିନେବା ଉଚିତ୍ । ପ୍ରତିଯୋଗୀତା କରି ନିଜର ଅନ୍ୟ ଭାଇକୁ ଅପମାନିତ କରିବା ପାଇଁ ଆଦୌ ଚେଷ୍ଟା କରିବା ଉଚିତ୍ ନୁହେଁ ।

ଯଦି ଆମେ ଆମ ଜୀବନର ସମୀକ୍ଷା କରିବା ତେବେ ଦେଖିବା ଯେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଏହିପରି ମିଥ୍ୟା ଗର୍ବ ଓ ଅହଂଭାବ ରଖନ୍ତି, ଯାହା ଦ୍ୱାରା କଳହ ବଢିଥାଏ । କିନ୍ତୁ ଯଦି ଅଲ୍ଲାଃତାଲାଙ୍କ ସାନ୍ନିଧ୍ୟ ହାସଲ କରିବାର ଅଛି ତେବେ ଏଥିରୁ ମୁକ୍ତି ମିଳିଯାଏ । ବରଂ କେତେକ ଲୋକ ତ ଅନ୍ୟର କ୍ଷତି କରିବାକୁ ଚେଷ୍ଟା କରନ୍ତି । ଭୁଲ ଭାବରେ ଅଭିଯୋଗ କରିଦିଅନ୍ତି ଯେ, ଆମର ଅମକ ସ୍ଥାନରେ ଝଗଡ଼ା ହୋଇଥିଲା ଓ ସେ ମୋତେ ଖରାପ କଥା କହିଥିଲା, ତେଣୁ ଏବେ ମୁଁ ତାକୁ ଯେକୌଣସି ପ୍ରକାରେ କୌଣସି ମିଥ୍ୟା ମକଦ୍ଦମା କିମ୍ବା ଦଣ୍ଡରେ ଛନ୍ଦିବାକୁ ଚେଷ୍ଟା କରିବି । ହୁଜୁର[ଅ.ସ] କୁହନ୍ତି, ଅହଂକାରୀ ବ୍ୟକ୍ତି ଈଶ୍ୱରଙ୍କ ସିଂହାସନରେ ବସିବାକୁ ଚାହେଁ । **ତେଣୁ ଏହି ଗର୍ହିତ ଅଭ୍ୟାସରୁ ସର୍ବସର୍ବଦା (ଅଲ୍ଲାଃଙ୍କର) ଶରଣ ଭିକ୍ଷା କର** । ଈଶ୍ୱରଙ୍କର ସମସ୍ତ ପ୍ରତିଶୃତି ତୁମ ସହିତ ଥାଇପାରେ, କିନ୍ତୁ ସେହି ପ୍ରତିଶୃତଗୁଡ଼ିକ ସତ୍ତ୍ୱେ ନମ୍ରତା ପ୍ରଦର୍ଶନ କର କାରଣ ଏପରି ଆଚରଣକାରୀ ହିଁ ଈଶ୍ୱରଙ୍କର ପ୍ରିୟ ହୋଇଥାଏ ।

ଏକଦା ହୁଜୁର[ଅ.ସ]ଙ୍କୁ ପଚରାଗଲା, ହୁଜୁର ! ହଦିସ୍‌ରେ ଆସିଛି ଯେ ସମସ୍ତ ନବୀମାନେ ଛେଳି ଚରାଇଛନ୍ତି । କ'ଣ ଆପଣ ମଧ୍ୟ କେବେ ଛେଳି ଚରାଇଛନ୍ତି ? ହୁଜୁର[ଅ.ସ] ଉତ୍ତର ଦେଲେ, ହଁ ! ମୁଁ ଦିନେ ବାହାରକୁ ଅର୍ଥାତ୍ ବିଲ ଆଡ଼କୁ ଯାଇଥିଲି, ସେଠାରେ ଜଣେ ବ୍ୟକ୍ତି ଛେଳି ଚରାଉଥିଲା । ସେ ମୋତେ କହିଲା; ମୁଁ ଗୋଟିଏ କାମରେ ଯାଉଛି, ଆପଣ ଟିକେ ମୋ ଛେଳିଗୁଡ଼ିକର ଧ୍ୟାନ ରଖିବେ । କିନ୍ତୁ ସେ ଏପରି ଗଲା ଯେ ସନ୍ଧ୍ୟା ବେଳକୁ ଫେରିଲା ଏବଂ ତା'ର ଆସିବା ପର୍ଯ୍ୟନ୍ତ ମୋତେ ତା'ର ଛେଳିଗୁଡ଼ିକୁ ଚରାଇବାକୁ ପଡିଥିଲା । **ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କୁ ଘରର କୌଣସି କାମ କରିବାରେ କେବେ ହେଲେ ସଙ୍କୋଚ ବୋଧ କରୁ ନଥିଲେ** । ହୁଜୁର[ଅ.ସ] ନିଜେ ଖଟିଆ ପକାଇ ଦେଉଥିଲେ, ଚଟାଣ ସଫା କରୁଥିଲେ ଓ ବିଛଣା ମଧ୍ୟ ପାରି ଦେଉଥିଲେ । ଆଉ ଯେଉଁ ପ୍ରକାରର ଖାଦ୍ୟ ଓ ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଉ ନାକାହିଁକି, ଆପଣ ତାହା ସେବନ କରି ନେଉଥିଲେ । ମହଭାଗ କାହାରିକୁ ତୁ' କହି କଦାପି ସମ୍ବୋଧନ କରିନାହାନ୍ତି । ବରଂ ସର୍ବଦା ଜୀ' (ଆଜ୍ଞା) ସମ୍ମାନ ସୂଚକ ଶବ୍ଦ କହି କଥା ହେଉଥିଲେ । ମହାଭାଗଙ୍କ ସ୍ୱଭାବରେ ଅହଂଭାବ ଆଦୌ ନଥିଲା ।

ମୁହମ୍ମଦ ହୁସେନ୍ ବଟାଲଭ୍ୱୀ ସାହେବ ଯେତେବେଳେ ଦିଲ୍ଲୀରୁ ନୂଆ ନୂଆ ଧାର୍ମିକ ଜ୍ଞାନ ଆହରଣ କରି ଆସିଲେ, ସେହି ସମୟରେ ହୁଜୁର[ଅ.ସ]ଙ୍କ ସହିତ ତାଙ୍କର ଏକ ଶାସ୍ତ୍ରୀୟ ତର୍କ ହେଲା । ଯେଉଁଥିରେ ହୁଜୁର[ଅ.ସ] ପ୍ରାରମ୍ଭରେ ତାଙ୍କୁ ବିଶ୍ୱାସ ସମ୍ବନ୍ଧରେ ପ୍ରଶ୍ନ କଲେ । ଯେତେବେଳେ ମୌଲବୀ ସାହେବ ନିଜର ବିଶ୍ୱାସ ବିଷୟରେ ନିଜର ମତ ବ୍ୟକ୍ତ କଲେ, ହୁଜୁର[ଅ.ସ] କହିଲେ; ମୁଁ ଆପଣଙ୍କ ବିଶ୍ୱାସରେ କୌଣସି ଆପତ୍ତିଜନକ ବିଷୟ ଦେଖୁ ନାହିଁ । ତେଣୁ ଆପଣଙ୍କ ସହିତ ତର୍କ କରିବାର କୌଣସି ଆବଶ୍ୟକତା ନାହିଁ । ଅତଏବ ଯେଉଁ ଲୋକମାନେ ହୁଜୁର[ଅ.ସ]ଙ୍କୁ ସାଙ୍ଗରେ ନେଇ ଯାଇଥିଲେ, ସେମାନେ ଅତ୍ୟନ୍ତ ଚିନ୍ତିତ ହେଲେ ଯେ ଏପରି ତ ଆମେ ଅପମାନିତ ହୋଇଯିବା । ମାତ୍ର ହୁଜୁର[ଅ.ସ] ନିଜର କୌଣସି ମିଥ୍ୟା ସମ୍ମାନର ଭୂକ୍ଷେପ କଲେ ନାହିଁ । ହୁଜୁର[ଅ.ସ] କହିଲେ; ମୌଲବୀ ସାହେବଙ୍କ ଆସ୍ଥା ଓ ସିଦ୍ଧାନ୍ତ ଶୁଣିଲି ଯେହେତୁ ସେଥିରେ କୌଣସି ଆପତ୍ତିଜନକ ବିଷୟ ନଥିଲା, ତେଣୁ କେବଳ ଅଲ୍ଲାଃତାଲାଙ୍କ ସନ୍ତୁଷ୍ଟି ପାଇଁ ତର୍କକୁ ପରିତ୍ୟାଗ କରାଗଲା । ସେହିଦିନ ରାତିରେ ଅଲ୍ଲାଃତାଲା ହୁଜୁର[ଅ.ସ]ଙ୍କ ଉପରେ ଦୈବିବାଣୀ ଅବତୀର୍ଣ୍ଣ କଲେ, **ଈଶ୍ୱର୍ ତୁମର୍ ଏହି କାର୍ଯ୍ୟରେ ସନ୍ତୁଷ୍ଟ ହେଲେ ଏବଂ ସେ ତୁମକୁ ଏତେ ବର୍‌କତ୍ (ଆଶିଷ) ପ୍ରଦାନ କରିବେ ଯେ ରାଜାମାନେ ମଧ୍ୟ ତୁମର୍ ବସ୍ତ୍ରରୁ ଆଶିଷ**

**ଅନ୍ୱେଷଣ କରିବେ ।**

ହୁଜୁର[ଅ.ସ] ମୌଲବୀ ମୁହମ୍ମଦ ହୁସେନ୍ ବଟାଲଓ୍ୱୀ ସାହେବଙ୍କୁ ଲେଖିଥିବା ଏକ ପତ୍ରରେ ନିଜର ଅତ୍ୟନ୍ତ ନମ୍ରତା ପ୍ରକାଶ କରିଛନ୍ତି । ମହାଭାଗ ଲେଖିଥିଲେ, ଏହି ବିନୀତ ଜଣେ ଅଶିକ୍ଷିତ ଓ ଅଜ୍ଞ ବ୍ୟକ୍ତି, ନା ଆରାଧନ କରିବା ଜାଣେ, ନା ସାଧନା, ନା ବିନୀତର ଜ୍ଞାନ ଅଛି, ନା କୌଣସି ବିଶେଷ ଦକ୍ଷତା । ମୋଟାମୋଟି ଭାବେ ଦେଖିଲେ କିଛି ବି ନାହିଁ । ଈଶ୍ୱରଙ୍କ ତରଫରୁ ଏକ ଆଦେଶ ଥିଲା, ଯାହାକି ସମ୍ପୂର୍ଣ୍ଣ ସତ୍ୟ ଓ ନିଶ୍ଚିତ ଥିଲା, ଯାହାକୁ ଏହି ବିନୀତ ପହଞ୍ଚାଇ ଦେଇଛି । ଏବେ ଏହାକୁ ଗ୍ରହଣ କରିବା ନକରିବା ନିଜ ନିଜର ମତାମତ ଓ ବୁଝାମଣା ଉପରେ ନିର୍ଭର କରେ । ଯେତେବେଳେ ହୁଜୁର[ଅ.ସ] **ମସିଲେ ମସିହ୍** (ମସିହଙ୍କ ସଦୃଶ) ହେବାର ଦାବି କଲେ ସେତେବେଳେ ମୌଲବୀ ମୁହମ୍ମଦ ହୁସେନ୍ ବଟାଲଓ୍ୱୀ ପୁଣ୍ୟଶ୍ଳୋକଙ୍କର ତୀବ୍ର ବିରୋଧ କଲେ ଏବଂ ଅତି ଅଶ୍ଲୀଳ ପତ୍ର ସବୁ ଲେଖିଲେ । ନିଜର ପତ୍ରିକା 'ଇଶାଅତେ ସୁନ୍ନା'ରେ ମଧ୍ୟ ହୁଜୁରଙ୍କ ପାଇଁ ଅଭଦ୍ର ଓ ଅସଭ୍ୟ ଶବ୍ଦ ବ୍ୟବହାର କରିବା ଆରମ୍ଭ କରିଦେଲେ । ଏସବୁ ସତ୍ତ୍ୱେ ହୁଜୁର[ଅ.ସ] ଧୈର୍ଯ୍ୟ ଓ ନମ୍ରତାର ଏକ ଉଚ୍ଚ ନମୁନା ପ୍ରଦର୍ଶନ କଲେ ।

ଏକ ପତ୍ରରେ ହୁଜୁର[ଅ.ସ] ମୌଲବୀ ମୁହମ୍ମଦ ହୁସେନ୍ ବଟାଲଓ୍ୱୀ ସାହେବଙ୍କୁ ଲେଖିଲେ, ମୋର ଜୟ ବା ପରାଜୟ ସହ କୌଣସି ସମ୍ପର୍କ ନାହିଁ । ବରଂ ମୋର ଉଦ୍ଦେଶ୍ୟ କେବଳ ଦାସତ୍ୱ ଓ ଆଦେଶ ପାଳନ କରିବା । ମୁଁ ଜାଣେ ଯେ ଏହି ବିରୋଧରେ ମୌଲବୀ ସାହେବଙ୍କର ଉଦ୍ଦେଶ୍ୟ ବୋଧ ହୁଏ ଭଲ ହୋଇଥିବ । କିନ୍ତୁ ମୋ ମତରେ ଏହା ଭଲ ହେବ ଯେ ଆପଣ ପ୍ରଥମେ ମୋ ସହିତ ଆଲୋଚନା କରି ଓ ମୋର ପୁସ୍ତକଗୁଡ଼ିକ ଯଥା **ଫତେହ୍ ଇସଲାମ୍, ତୌଜୀହ୍-ଏ-ମରାମ୍ ଓ ଇଜାଲା ଅଔହାମ୍**କୁ ଦେଖି କିଛି ଲେଖନ୍ତୁ । ମୋତେ ଏଥିପାଇଁ କୌଣସି ଦୁଃଖ ଅବା କଷ୍ଟ ନାହିଁ, ଯେ ଆପଣଙ୍କ ପରି ବନ୍ଧୁ ବିରୋଧ କରିବାକୁ ପ୍ରସ୍ତୁତ ଅଛନ୍ତି । ଏହି ମତାନ୍ତର ମଧ୍ୟ ସତ୍ୟ ପାଇଁ ହିଁ ହେବ । ଅନ୍ୟ ଏକ ପତ୍ରରେ ହୁଜୁର[ଅ.ସ] ମୌଲବୀ ସାହେବଙ୍କୁ ଲେଖିଥିଲେ, ମୋ ବିଚାରରେ ନୈତିକତାର ସମସ୍ତ ନୀତି ମଧ୍ୟରୁ ଈଶ୍ୱର ଯେପରି ନମ୍ର, ସୌଜନ୍ୟତା, ବିନୀତତା ଓ ପ୍ରତ୍ୟେକ ଏପରି ଆତ୍ମସମର୍ପଣକୁ ପସନ୍ଦ କରନ୍ତି, ଯାହା ଅହଂକାରର ବିରୋଧୀ ସେପରି ଚରିତ୍ର ଅନ୍ୟ କୌଣସି ଦିଗକୁ ସେ ପସନ୍ଦ କରନ୍ତି ନାହିଁ ।

ପରିଶେଷରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ହଜରତ ମସିହ ମଉଦ[ଅ.ସ]ଙ୍କର ପ୍ରତ୍ୟେକ କଥା ଓ କାର୍ଯ୍ୟ ନମ୍ରତାର ପ୍ରକାଶରେ ପରିପୂର୍ଣ୍ଣ ଥିଲା । କେବଳ ଗୋଟିଏ ହିଁ ସନ୍ଧାନ ଥିଲା ଏବଂ ତାହା ହେଉଛି ଈଶ୍ୱରଙ୍କ ପ୍ରୀତିଭାଜନ ଓ ସନ୍ତୁଷ୍ଟି ହାସଲ କରିବା । ତାଙ୍କର ଏକେଶ୍ୱରବାଦକୁ ସମଗ୍ର ବିଶ୍ୱରେ ପ୍ରସାର କରିବା । ହୁଜୁର[ଅ.ସ] ଆମମାନଙ୍କୁ ମଧ୍ୟ ଏହି ଉପଦେଶ ଦେଇଛନ୍ତି । ଅଲ୍ଲାଃତାଲା ଆମମାନଙ୍କୁ ଏହି ସବୁ ହିତବାଣୀର ପାଳନ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

❖❖❖ ❖❖❖ ❖❖❖

Khulasa Khutba Juma Huzoor Anwar a.b.a

29th May 2026

*Translated to Odia by :* Moulavi Anwar Ahmad Khan